# NATIONAL NEWS BULLETIN (ODIA)
## 28 October - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଅଷ୍ଟମ ବେତନ କମିଶନ୍ ର କାର୍ଯ୍ୟ ସର୍ତ୍ତାବଳୀକୁ ଅନୁମୋଦନ କଲା କେନ୍ଦ୍ର କ୍ୟାବିନେଟ୍ ।
- ସାମୁଦ୍ରିକ ଘୂର୍ଣ୍ଣିଝଡ଼ ମୋନ୍ଥା କ୍ରମଶଃ ଆନ୍ଧ୍ରପ୍ରଦେଶ ଉପକୂଳ ନିକଟତର ହେଉଛି ।

– ଆଜି ସନ୍ଧ୍ୟାରେ ସ୍ପର୍ଶ କରିବ ସ୍ଥଳଭାଗ ।

– ଓଡ଼ିଶା ବାତ୍ୟା ସ୍ଥିତି ଏବଂ ଏହାର ମୁକାବିଲା ନେଇ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- ପରିବହନ କ୍ଷେତ୍ରରେ ଜୈବ ଇନ୍ଧନ, ଇଥାନଲ ଓ ମିଥାନଲର ବ୍ୟବହାର ଦ୍ୱାରା ପରିବହନ ଖର୍ଚ୍ଚ ହ୍ରାସ ପାଉଛି, କହିଲେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ।

ଏବଂ

- ଜାତୀୟ କ୍ରୀଡ଼ା ପୁରସ୍କାର ନିମନ୍ତେ ଆବେଦନର ସମୟସୀମା ଆସନ୍ତାମାସ ୪ ତାରିଖକୁ ବୃଦ୍ଧି ।

## କ୍ୟାବିନେଟ୍

ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ୍ ର କାର୍ଯ୍ୟ ସର୍ତ୍ତାବଳୀକୁ ଆଜି କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି । ସେ କହିଛନ୍ତି, କମିଶନ୍ ଗଠନ ହେବା ଦିନଠାରୁ ୧୮ ମାସ ମଧ୍ୟରେ ଏହାର ସୁପାରିଶ୍ ସରକାରଙ୍କ ପାଖରେ ଦାଖଲ କରିବ । ଜଣେ ଅଧ୍ୟକ୍ଷ, ଅସ୍ଥାୟୀ ସଦସ୍ୟ ଏବଂ ସଦସ୍ୟ ସଚିବଙ୍କୁ ନେଇ ଏହି ବେତନ କମିଶନ୍ ଗଠନ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O-1-ASHWINI-8TH-PAY-COMMISSION**

କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧା ନେଇ ସୁପାରିଶ କରିବାକୁ ସରକାର ଗତ ଜାନୁଆରୀ ମାସରେ ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ୍ ଗଠନ ନେଇ ଘୋଷଣା କରିଥିଲେ ।

ଚଳିତ ବର୍ଷ ରବି ଋତୁ ପାଇଁ ଫସ୍‌ଫେଟ୍ ଏବଂ ପଟାସ୍ ସାର ଉପରେ ପୋଷକତତ୍ତ୍ୱ ଆଧାରିତ ସବ୍‌ସିଡି ପ୍ରଦାନକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ଚଳିତ ମାସ ପହିଲାରୁ ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଏହି ସବ୍‌ସିଡି ଲାଗୁ ହେବ । ଏଥିପାଇଁ ୩୭ ହଜାର ୩୫୨ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ୨୦୨୫ ଖରିଫ୍ ଋତୁ ପାଇଁ ବଜେଟ୍ ଆବଶ୍ୟକତା ଠାରୁ ଏହା ପ୍ରାୟ ୭୩୬ କୋଟି ଟଙ୍କା ଅଧିକ । ସବ୍‌ସିଡି ପ୍ରଦାନ ସଂକ୍ରାନ୍ତ ନିଷ୍ପତ୍ତି ଚାଷୀଙ୍କୁ ସୁଲଭ ମୂଲ୍ୟରେ ସାର ଉପଲବ୍ଧତାକୁ ସୁନିଶ୍ଚିତ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O-2-ASHWINI—FARMERS**

# ସାଇକ୍ଲୋନ୍

ସାମୁଦ୍ରିକ ଘୂର୍ଣ୍ଣିଝଡ଼ ମୋନ୍ଥା କ୍ରମଶଃ ଆନ୍ଧ୍ରପ୍ରଦେଶ ଉପକୂଳର ନିକଟତର ହେଉଛି । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଘଣ୍ଟାକୁ ମାତ୍ର ୧୫ କିଲୋମିଟର ବେଗରେ ଆଗକୁ ବଢୁଛି । ସ୍ଥଳଭାଗ ସ୍ପର୍ଶ କରିବା ପୂର୍ବରୁ ଘୂର୍ଣ୍ଣିଝଡ଼ ନିଜର ଶକ୍ତି ବୃଦ୍ଧି କରୁଛି ବୋଲି ଆକଳନ କରାଯାଇଛି । ଭାରତୀୟ ପାଣିପାଗ ବିଭାଗର ସଦ୍ୟତମ ସୂଚନା ଅନୁଯାୟୀ ମଛଲିପଟନମ୍‌ଠାରୁ ୬୦ କିଲୋମିଟର, କାକିନାଡ଼ାଠାରୁ ୧୪୦

କିଲୋମିଟର ଏବଂ ବିଶାଖାପାଟଣାଠାରୁ ୨୪୦ କିଲୋମିଟର ଦୂରରେ ଘୂର୍ଣ୍ଣିଝଡ଼ କେନ୍ଦ୍ରୀଭୂତ ହୋଇଛି । ଆଜି ରାତିରେ କାକିନାଡ଼ା ଠାରେ ସ୍ଥଳ ଭାଗ ସ୍ପର୍ଶ କରିବାର ଆଶା କରାଯାଉଛି । ଏହାର ପ୍ରଭାବରେ ଘଣ୍ଟାକୁ ୯୦ରୁ ୧୦୦ କିଲୋମିଟର ବେଗରେ ପବନ ବହିବା ସହ ପବନର ବେଗ ୧୧୦ କିଲୋମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ପାଣିପାଗ ବିଭାଗ କହିଛି । ସମୁଦ୍ରରେ ଉଚ୍ଚ ଜୁଆର ଆସିବା ସହ ପ୍ରବଳ ବର୍ଷା ହେବ । ୧୯ଟି ଉପକୂଳ ଜିଲ୍ଲାପାଇଁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ତଳିଆ ଅଞ୍ଚଳରୁ ଲୋକଙ୍କୁ ବାତ୍ୟା ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ପ୍ରଭାବିତ ହେବାକୁ ଥିବା ରାଜ୍ୟଗୁଡ଼ିକର ସରକାରଙ୍କ ପକ୍ଷରୁ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ।

ଓଡ଼ିଶାର ବାତ୍ୟା ସ୍ଥିତି ଏବଂ ଏହାର ମୁକାବିଲା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ସମୀକ୍ଷା କରି କହିଛନ୍ତି । ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୧ ହଜାର ୩୯୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଆବଶ୍ୟକସ୍ଥଳେ ଆଉ ୩୦ ହଜାର ୫୯୪ ଜଣଙ୍କୁ ସ୍ଥାନାନ୍ତର କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ବାତ୍ୟା ଓ ଏହାର ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ପାଇଁ ମୋଟ୍ ୧୨୩ଟି ଅଗ୍ନିଶମ ଦଳ, ୩୦ଟି ଓଡ୍ରାଫ୍ ଓ ୫ଟି ଏନ୍‌ଡିଆରଏଫ୍ ଦଳ ମୁତୟନ କରାଯାଇଛି।

ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଆଜି ପ୍ରବଳ ବର୍ଷା ଜାରି ରହିଛି । ଏହିସବୁ ଜିଲ୍ଲାରେ ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରକୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ପୁରୀ, ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ଆସନ୍ତାକାଲି ପର୍ଯ୍ୟନ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରକୁ ବନ୍ଦ ରଖାଯାଇଛି । ସମୁଦ୍ର ଅଶାନ୍ତ ରହୁଥିବାରୁ ଓଡ଼ିଶା ଉପକୂଳରେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି ।

## ବୈଷ୍ଣବ-ସାଇକ୍ଲୋନ୍

ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିଝଡ଼ 'ମୋନ୍ଥା' ସ୍ଥିତି ଏବଂ ରେଳବାଇ ପକ୍ଷରୁ ଏଥିପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ଗୁଡ଼ିକର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମୀକ୍ଷା କରିଛନ୍ତି । ବିଶେଷ କରି ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ତେଲଙ୍ଗାନାରେ ପ୍ରଭାବିତ ହେବାକୁ ଥିବା ରେଳ ଭିତ୍ତିଭୂମିର ସୁରକ୍ଷା ଏବଂ ଯାତ୍ରୀଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଉପରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ବୈଷ୍ଣବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଡିଭିଜନ୍ ସ୍ତରୀୟ ଜରୁରୀକାଳୀନ

କକ୍ଷକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ସହ ବାତ୍ୟା ସ୍ଥିତି ନେଇ ୨୪ ଘଣ୍ଟିଆ ନିରୀକ୍ଷଣ କରିବାକୁ ମନ୍ତ୍ରୀ ଶ୍ରୀ ବୈଷ୍ଣବ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

## ଗଡ଼କରୀ-ସିଆଇଆଇ କନ୍‌ଫରେନ୍ସ

ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି, ଏବେ ସୁଦ୍ଧା ୮୦ ଲକ୍ଷ ଟନ୍‌ରୁ ଊର୍ଦ୍ଧ୍ୱ ବର୍ଜ୍ୟବସ୍ତୁ ଜାତୀୟ ରାଜପଥ ନିର୍ମାଣରେ ବିନିଯୋଗ ହୋଇଛି । ଭାରତରେ ଭବିଷ୍ୟତ ଆଧୁନିକ ସଡ଼କ ସମ୍ପର୍କିତ ନୂଆଦିଲ୍ଲୀରେ ଆୟୋଜିତ ସି.ଆଇ.ଆଇ. ସମ୍ମିଳନୀରେ ଯୋଗଦେବା ଅବସରରେ ଶ୍ରୀ ଗଡ଼କରୀ କହିଛନ୍ତି, ପରିବହନ କ୍ଷେତ୍ରରେ ଜୈବ ଇନ୍ଧନ, ଇଥାନଲ ଓ ମିଥାନଲର ବ୍ୟବହାର ଦ୍ୱାରା ପରିବହନ ମୂଲ୍ୟ ୫ରୁ ୬ ପ୍ରତିଶତକୁ ହ୍ରାସ ହୋଇପାରିଛି । ଆସନ୍ତା ଡିସେମ୍ବର ମାସ ସୁଦ୍ଧା ଏହାକୁ ଆହୁରି ହ୍ରାସ କରାଯିବ । ପରିବହନ ଖର୍ଚ୍ଚ ହ୍ରାସ ପାଇବା ଦ୍ୱାରା ବାଣିଜ୍ୟ କ୍ଷେତ୍ରରେ ଏହାର ଗଭୀର ପ୍ରଭାବ ପଡ଼ିଥାଏ । ବାଣିଜ୍ୟ କାରବାର ବୃଦ୍ଧି ପାଇବା ସହ ବ୍ୟକ୍ତିଗତ ଆୟରେ ମଧ୍ୟ ଅଭିବୃଦ୍ଧି ଘଟିଥାଏ । ଏହାଛଡ଼ା ଆର୍ଥିକ କ୍ଷେତ୍ରରେ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଏହା ସହାୟତା କରିଥାଏ ।

ସେ ଆହୁରି ମଧ୍ୟ କହିଛନ୍ତି, ଜୈବ ଇନ୍ଧନର ବ୍ୟବହାର ଦ୍ୱାରା ପ୍ରଦୂଷଣ ହ୍ରାସ ପାଇବ ଏବଂ କୃଷକମାନଙ୍କୁ କୃଷି କ୍ଷେତ୍ରରେ ଏହାର ଲାଭ ମିଳିପାରିବ । ଶ୍ରୀ ଗଡ଼କରୀ କହିଛନ୍ତି, ଉତ୍ତମ ଭିତ୍ତିଭୂମି ଦେଶର ମେରୁଦଣ୍ଡ ଏବଂ ଏହାଦ୍ୱାରା ୨୦୨୭ ମସିହା ସୁଦ୍ଧା ୫ ବିଲିୟନ୍ ଅର୍ଥ ବ୍ୟବସ୍ଥା ଲକ୍ଷ୍ୟ ହାସଲ କରିବାରେ ଦେଶ ସମର୍ଥ ହୋଇପାରିବ ।

## ପ୍ରେଜ୍-ଅମ୍ବାଲା ରାଫେଲ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ହରିଆଣାର ଅମ୍ବାଲା ଗସ୍ତ କରିବେ । ସେଠାରେ ରାଫେଲ୍ ବିମାନରେ ଉଡ଼ାଣ କରିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ଏହା ପୂର୍ବରୁ ୨୦୨୩ ଏପ୍ରିଲ୍‌ରେ ଆସାମର ତେଜପୁର ବାୟୁସେନା ଘାଟିରେ ରାଷ୍ଟ୍ରପତି ସୁଖୋଇ-୩୦ ଏମ୍.କେ.ଆଇ. ଲଢୁଆ ବିମାନରେ ଉଡ଼ାଣ କରିଥିଲେ ।

## ଆଇଏସ୍ଏ-ପ୍ରହଲାଦ ଯୋଶୀ

ସୌରଶକ୍ତି ଉତ୍ପାଦନରେ ଭାରତର ପଦକ୍ଷେପ ବିଶ୍ୱରେ ସବୁଠାରୁ ସଫଳ ବୋଲି ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରୀ ପ୍ରହଲାଦ ଯୋଶୀ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଆନ୍ତର୍ଜାତିକ ସୌରଶକ୍ତି ମେଣ୍ଟ ସମାବେଶ

ପରିପ୍ରେକ୍ଷୀରେ ଗଣମାଧ୍ୟମ ସହ ଆଲୋଚନା ବେଳେ ଶ୍ରୀ ଯୋଶୀ କହିଛନ୍ତି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ନିଶୁଳ୍କ ଯୋଜନା ଅଧୀନରେ ୨୧ ଲକ୍ଷରୁ ଅଧିକ ପରିବାର ଛାତ ଉପରେ ସୌରଶକ୍ତି ୟୁନିଟ୍ ସ୍ଥାପନ କରିଛନ୍ତି । ସେଥିମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଲୋକ ମାଗଣା ବିଜୁଳି ଖର୍ଚ୍ଚର ସୁବିଧା ଉପଲବ୍ଧ କରୁଛନ୍ତି । ପ୍ରଧାନମନ୍ତ୍ରୀ କୁଶୁମ ଯୋଜନା ଅଧୀନରେ ଚାଷୀମାନେ ସୌରଶକ୍ତି ଉତ୍ପାଦନ କରିବା ସହ ବିକ୍ରିର ସୁବିଧା ମଧ୍ୟ ପାଉଛନ୍ତି ବୋଲି ଶ୍ରୀ ଯୋଶୀ କହିଛନ୍ତି । ସମାବେଶରେ ଭାରତ ସଦସ୍ୟ ଦେଶମାନଙ୍କ ସହିତ ନିଜର ଅଭିଜ୍ଞତାକୁ ଉପସ୍ଥାପନ କରିଛି । ସଦସ୍ୟ ଦେଶଗୁଡ଼ିକ ବିଶ୍ୱରେ ମୋଟ୍ ଉତ୍ପାଦିତ ସୌରଶକ୍ତିର ୪୦ ପ୍ରତିଶତରୁ ଅଧିକ ଯୋଗଦାନ ପ୍ରଦାନ କରୁଛନ୍ତି ବୋଲି ଶ୍ରୀ ଯୋଶୀ କହିଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ସହ ଆଲୋଚନା ବେଳେ ମେଣ୍ଟର ମହାନିର୍ଦ୍ଦେଶକ ଆଶିଶ ଖାନ୍ନା କହିଛନ୍ତି, ଚଳିତ ବର୍ଷ ସମ୍ମିଳନୀରେ ୧୨୫ଟି ଦେଶର ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରେ କେତେକ ଦେଶର ମନ୍ତ୍ରିମଣ୍ଡଳର ସଦସ୍ୟ ମଧ୍ୟ ସାମିଲ ହୋଇଥିବା ସେ କହିଛନ୍ତି । ଦୁଇ ଦିନିଆ ଏହି ସମ୍ମିଳନୀରେ ଏକ ସୂର୍ଯ୍ୟ ଏକ ବିଶ୍ୱ ଏକ ଗ୍ରୀଡ୍ କାର୍ଯ୍ୟକ୍ରମ ଅଧୀନରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସମନ୍ୱିତ ଭାବେ କାର୍ଯ୍ୟ କରିବା ନେଇ ଆଲୋଚନା ହେଉଥିବା ସେ ସୂଚନା ଦେଇଛନ୍ତି ।

## ଇଣ୍ଡିଆ-ବେଲାରୁଷ

ଭାରତ-ବେଲାରୁଷ ଅଷ୍ଟମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶ ବୈଠକ ବେଲାରୁଷର ମିନସ୍କ ଠାରେ ଅନୁଷ୍ଠିତ ହୋଇଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ପକ୍ଷରୁ ପଶ୍ଚିମ କ୍ଷେତ୍ର ସଚିବ ସି.ବି.ଜର୍ଜ୍ ଏବଂ ବେଲାରୁଷର ଉପବୈଦେଶିକ ମନ୍ତ୍ରୀ ଏଭ୍‌ଜେନି ଶେସ୍ତାକୋଭ୍ ବୈଠକରେ ଯୋଗ ଦେଇଥିଲେ । ଦ୍ୱିପାକ୍ଷିକ ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ, ପର୍ଯ୍ୟଟନ, ଶିକ୍ଷା ଆଦି ପ୍ରସଙ୍ଗ ଉପରେ ବୈଠକରେ ମତବିନିମୟ ହୋଇଛି । ଶ୍ରୀ ଜୟସ୍ୱାଲ କହିଛନ୍ତି, ଉଭୟ ପକ୍ଷରୁ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମତବିନିମୟ କରିଛନ୍ତି ।

## ସ୍ପୋର୍ଟସ୍ ଆୱାର୍ଡ଼

ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ କ୍ରୀଡ଼ା ପୁରସ୍କାର ନିମନ୍ତେ ଆବେଦନ ସମୟସୀମା ଆସନ୍ତାମାସ ୪ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆବେଦନକାରୀ **www.dbtyas-sports.gov.in** ପୋର୍ଟାଲ୍ ମାଧ୍ୟମରେ ଆବେଦନ କରିପାରିବେ । କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷଲାଭ କରିଥିବା ବ୍ୟକ୍ତିବିଶେଷ, ପ୍ରଶିକ୍ଷକ ଏବଂ ଏହି କ୍ଷେତ୍ର ସହିତ

ଜଡ଼ିତ ବ୍ୟକ୍ତିମାନେ ଏଥିପାଇଁ ଆବେଦନ କରିପାରିବେ । ଏହି କ୍ରୀଡ଼ା ପୁରସ୍କାର ପ୍ରତ୍ୟେକ ବର୍ଷ ପ୍ରଦାନ କରାଯାଇଥାଏ ।